କେନ୍ଦ୍ରୀୟ ଅବକାରୀ ଆୟୁକ୍ତ, ପୁଣେ

ବନାମ

ମେସର୍ସ କ୍ରିପା କେମିକାଲ୍ସ ପ୍ରାଇଭେଟ ଲିମିଟେଡ୍

4 ନଭେମ୍ବର, 2004

[ଅରିଜିତ୍ ପସାୟତ ଏବଂ ସି. କେ. ଥାକର୍,ନ୍ୟାୟାଧୀଶବୃନ୍ଦ ]

*କେନ୍ଦ୍ରୀୟ ଅବକାରୀ ଆଇନ , 1944:*

*ସଂଶୋଧିତ ଭାଟ୍-ଉତ୍ପାଦନ ଖର୍ଚ୍ଚ-ନିର୍ଣ୍ଣିତ ଯେ , ଯଦି କଞ୍ଚାମାଲ ଉପରେ ଅବକାରୀ ଶୁଳ୍କ ଆକାରରେ ସଂଶୋଧିତ ଭାଟ୍ ଗ୍ରହଣ କରାଯାଏ,ତେବେ ଏହା ଉତ୍ପାଦ ଶୁଳ୍କ ନିର୍ଦ୍ଧାରଣରେ ଅନ୍ତର୍ଭୁକ୍ତ ହେବ ନାହିଁ ।*

*କେନ୍ଦ୍ରୀୟ ଅବକାରୀ ଶୁଳ୍କ ସଂଗ୍ରାହକ ପୁଣେ ବନାମ ଦାଇଚି କର୍କାରିଆ ଲିମିଟେଡ୍,* ***(1999)*** **112 ELT 353 SC, ମାମଲା ଉପରେ ନିର୍ଭରଶୀଳତା ପ୍ରକାଶ କରାଯାଇଥିଲା ।**

*କେନ୍ଦ୍ରୀୟ ଅବକାରୀ ଶୁଳ୍କ ଅଧିନିୟମ , 1944:*

*କରଯୋଗ୍ୟ ଉତ୍ପାଦ-ମୂଲ୍ୟାଙ୍କନ-ଚାକିରି- କର୍ମଚାରୀଙ୍କ ଦ୍ୱାରା ଅର୍ଜିତ ଲାଭ-ନିର୍ଣ୍ଣିତ ଯେ କଞ୍ଚାମାଲର ମୂଲ୍ୟ, କରାଯାଇଥିବା କାର୍ଯ୍ୟର ମୂଲ୍ୟ ଏବଂ ଉତ୍ପାଦନ ଲାଭ ଏବଂ ପ୍ରକ୍ରିୟାକରଣ ଖର୍ଚ୍ଚକୁ ଧ୍ୟାନରେ ରଖିବାକୁ ପଡିବ ।*

*ଉଜାଗର ପ୍ରିଣ୍ଟ ଇତ୍ୟାଦି ବନାମ ଭାରତ ସଂଘ ଏବଂ ଅନ୍ୟମାନେ, (1989)39 ELT 493* **SC, ଉପରେ ନିର୍ଭର କରାଯାଇଥିଲା ।**

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 5000/1999 ।

F.O.ସଂଖ୍ୟା C- 1/930/WZB/1999ର A.ସଂଖ୍ୟା E/1719/94- A ରେ କେନ୍ଦ୍ରୀୟ ଅବକାରୀ ଶୁଳ୍କ ଏବଂ ସ୍ୱର୍ଣ୍ଣ (ନିୟନ୍ତ୍ରଣ) ଅପିଲ ନ୍ୟାୟାଧିକରଣ, ବମ୍ବେଙ୍କର 10.5.99 ତାରିଖର ରାୟ ଏବଂ ଆଦେଶରୁ ଏହି ଆବେଦନ ।

ମୋହନ ପରାସରନ, ଅତିରିକ୍ତ ମହାଭିକର୍ତ୍ତା ଏବଂ ବି. କୃଷ୍ଣ ପ୍ରସାଦ ଆବେଦନକାରୀଙ୍କ ତରଫରୁ ଉପସ୍ଥିତ ଥିଲେ ।

ଉତ୍ତରଦାତାମାନଙ୍କ ପାଇଁ ସି. ଏନ୍. ଶ୍ରୀ କୁମାର ଏବଂ ସୁଶ୍ରୀ ଏମ୍. ଏଲ୍. ଶ୍ୟଜଥା ।

ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଯାଇଥିଲା ।

**ନ୍ୟାୟାଧୀଶ ଅରିଜିତ ପସାୟତ, ଶୁଣୁଥିଲେ ।**

ଏହି ଆବେଦନରେ ଦୁଇଟି ପ୍ରସଙ୍ଗ ରହିଛି । ସେଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି ଉତ୍ପାଦନ ମୂଲ୍ୟର ଗଣନା ଏବଂ କଞ୍ଚାମାଲ ଉପରେ ପ୍ରଦାନ କରାଯାଇଥିବା ଅବକାରୀ ଶୁଳ୍କ, ଯଦି ସଂଶୋଧିତ ଭାଟରେ ଗ୍ରହଣ କରାଯାଏ, ତେବେ ତାହା ଶୁଳ୍କ ଯୋଗ୍ୟ ପଦାର୍ଥର ଉତ୍ପାଦନ ଖର୍ଚ୍ଚ ନିର୍ଦ୍ଧାରଣରେ ଅନ୍ତର୍ଭୁକ୍ତ ହେବ କି ନାହିଁ । ଏହି ମାମଲାକୁ ଏହି ନ୍ୟାୟାଳୟଙ୍କର ଏକ ତିନିଜଣିଆ ବିଚାରପତି ଖଣ୍ଡପୀଠ, *କେନ୍ଦ୍ରୀୟ ଅବକାରୀ ଶୁଳ୍କ ସଂଗ୍ରାହକ, ପୁଣେ ବନାମ ଦାଇଇଚି କର୍ପୋରିଆ ଲିମିଟେଡ୍* ମାମଲାରେ ତର୍ଜମା କରିଥିଲେ ଏବଂ ଏହା ନିର୍ଣ୍ଣିତ ଯେ କଞ୍ଚାମାଲ ଉପରେ ପ୍ରଦାନ କରାଯାଇଥିବା ଉତ୍ପାଦ ଶୁଳ୍କ, ଯଦି ସଂଶୋଧିତ ଭାଟ୍ ଆକାରରେ ଗ୍ରହଣ କରାଯାଏ, ତେବେ ଉତ୍ପାଦ ଶୁଳ୍କ ନିର୍ଦ୍ଧାରଣରେ ଏହାକୁ ଅନ୍ତର୍ଭୁକ୍ତ କରାଯିବ ନାହିଁ । ଉଠାଯାଇଥିବା ଅନ୍ୟ ପ୍ରସଙ୍ଗଟି ହେଉଛି ଯେ କର୍ମଚାରୀଙ୍କ ଦ୍ୱାରା ଅର୍ଜିତ ଲାଭକୁ ଅନ୍ତର୍ଭୁକ୍ତ କରାଯିବ କି ଏବଂ କେତେ ପରିମାଣରେ? *ଉଜାଗର ପ୍ରିଣ୍ଟସ୍ ଇତ୍ୟାଦି ବନାମ ଭାରତ ସଂଘ ଏବଂ ଅନ୍ୟମାନେ*,(1989) 39 ELT 493 SC,ମାମଲାରେ ଏହି ନ୍ୟାୟାଳୟ ଦ୍ୱାରା ପାରିତ ସ୍ପଷ୍ଟୀକରଣ ଆଦେଶରେ ଏକ ଦୃଷ୍ଟାନ୍ତ ମାଧ୍ୟମରେ ବ୍ୟାଖ୍ୟା କରାଯାଇଥିଲା ଯେ କଞ୍ଚାମାଲର ମୂଲ୍ୟ, କରାଯାଇଥିବା କାର୍ଯ୍ୟର ମୂଲ୍ୟ ଏବଂ ଉତ୍ପାଦନ ଲାଭ ଏବଂ ପ୍ରକ୍ରିୟାକରଣ ପାଇଁ ଖର୍ଚ୍ଚକୁ ବିଚାରକୁ ନେବାକୁ ପଡିବ । ସେହି ଆଧାରରେ ଶୁଳ୍କ ଯୋଗ୍ୟ ମୂଲ୍ୟର ନିର୍ଦ୍ଧାରଣ କରାଯିବ । ତଦନୁସାରେ ଆବେଦନଟିର ଫଏସଲା କରାଯାଇଥାଏ।

R.P. ଆବେଦନଟି ନିଷ୍ପାଦିତ ହେଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର :
ମଦନ ମୋହନ ଭୂୟାଁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।